Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

**ସପ୍ତାହ –୩୫**

ନ.-୬୮୯(ଓଡିଆ ବୁଲେଟିନ)
ତାରିଖ-୨୯.୦୮.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଙ୍ଘପୁର, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଖୋର୍ଦ୍ଧା ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୨ ରୁ ୧୬ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୧  ରୁ ୩୩ ଡିଗ୍ରୀ ସେଲସିଅସ ଓ ୧୭ ରୁ ୨୭ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଙ୍ଘପୁର, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଖୋର୍ଦ୍ଧା ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।
- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରିନଥିଲେ ଧାନ ବୁଣିବାର ୨୫ -୩୦ଦିନ ପରେ ବେଉଷଣ କରି ଦିଅନ୍ତୁ ।
- ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୂହିକ ପାଇଁ ସ୍ଥଗିତ ରଖନ୍ତୁ ।
- ପାଣିପାଗ ବିଭାଗ, ଭୁବନେଶ୍ୱରର ଚେତାବନୀ ଅନୁଯାୟୀ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଉପରୋକ୍ତ ଜିଲ୍ଲା ମାନଙ୍କର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୪୦ କି.ମି.  ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି ।
- ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଉଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଝୋଟ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ, କାରଣ ଏହା ଫାଇବର (ତନ୍ତୁ) ରଗୁଣ ଉପରେ ପ୍ରଭାବ ପକାଇଥାଏ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl  + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ପିଲ ଅବସ୍ଥା | ❖ ଜୀବାଣୁ ଜନିତ ପତ୍ରପୋଡା ରୋଗ-<br>ଜୈବିକ ଉପାୟ ରେ ଜୀବାଣୁ ଜନିତ ପତ୍ର ପୋଡାରୋଗ ପରିଚାଳନା ପାଇଁ ଏକର ପ୍ରତି୨୦- କିଲୋଗ୍ରାମ ଗୋବର କୁ ୨୦୦ଲିଟର ପାଣିରେ ମିଶାନ୍ତୁଏବଂ ଏହି ମିଶ୍ରଣକୁ ଭଲ ଭାବରେ ଛାଣି ଆକ୍ରାନ୍ତ କିଆରିରେ ସିଞ୍ଚନ କରନ୍ତୁ ।<br>ରାସାୟନିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ କପର ହାଇଡ୍ରୋକସାଇଡ (Copper Hydroxide)ନାମକ ଔଷଧ ଯାହାକି କୋସାଇଡ ବା ହାଇ-ଡାଇସ (Kocide ବା Hi-Dice)ନାମରେ ମିଳୁଛି କିମ୍ବା ୨୦୦-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin) ସହିତ ୬୦୦-ଗ୍ରାମ କପର ଓଗଜି କ୍ଲୋରାଇଡ (Copper Oxy Chloride)ନାମକ ଔଷଧ ଯାହାକି ବିଲଟୋକ୍ସ-୫୦ ବା ବ୍ଲୁ କପର (Blitox-50 ବା Blue Copper)ନାମରେ ମିଳୁଛି, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>❖ ଲେଡା ପୋକ<br>ବର୍ଷା ଛାଡିବା ପରେ ଧାନରେ ଲେଡା ପୋକର ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗ ଦେଖି ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବରେ Lambda-cyhalothrin କିମ୍ବା ୨ ମିଲି ହିସାବରେ (Chlorpyriphos + Cypermethrin) ସିଂଚନ କରନ୍ତୁ। ପୋକ ଗଡିକ ରାତ୍ରିଚର ହୋଇଥିବାରୁ କୀଟନାଶକକୁ ଉପର ବେଳା କିମ୍ବା ସନ୍ଧ୍ୟା ସମୟସର ସିଂଚନ କରନ୍ତୁ। |
| ବିରି ଓ ମୁଗ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ସାହେବୀ ରୋଗ-<br>ଧଳାମାଛି ଏହି ରୋଗର ବାହକ ଅଟେ। ମୁଗ ଓ ବିରି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ପ୍ରଥମେ ଅଧିକ ଆକ୍ରାନ୍ତ ହୋଇଥିବା ଗଛ ଗୁଡିକ ଉପାଡି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି ରୋଗର ବାହକ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦-ଟି ହଳଦିଆ ଅଠାଳିଆ ଯନ୍ତା ରଖନ୍ତୁ । ଧଳା ମାଛି ର ରାସାୟନିକ ଉପାୟ ରେପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ପତ୍ର ସୁଡଙ୍ଗୀ ପୋକ, ଜଉ ପୋକ, ପତ୍ର ଉକୁଣି ପୋକ ପରିଚାଳନା<br>ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ କିମ୍ବା ୮୦-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) ନାମକ କୀଟନାଶକ, ୨୦୦- ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |

| | | |
|---|---|---|
| ମକା | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ପତ୍ର ପୋଡା ରୋଗ<br>ବର୍ତମାନ ସମୟରେ ମକା ଫସଲ ରେ ପତ୍ର ପୋଡା ରୋଗ ହେବାର ସମ୍ଭାବନା ଅଛି । ବର୍ଷା ଛାଡ଼ିଗଲା ପରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ ମାଙ୍କୋଜେବ (Mancozeb) ନାମକ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ ଜିନେବ (Zineb) ନାମକ ଫିମ୍ପିନାଶକ କିମ୍ବା କାରବେନଡାଜିମ (Carbendazim) ଏବଂ ମାଙ୍କୋଜେବ (Mancozeb) ର ମିଳିତ ଫିମ୍ପିନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ନାଲି ଶଢା ରୋଗ<br>ଶୁଖିଲା ପାଗ ଦେଖି ଆଖୁଫସଲ ରେନାଲି ଶଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି Carbendazim ୧୨%+ Mancozeb ୬୩% WP @ ୪୦୦ଗ୍ରାମ କିମ୍ବା Metalaxyl୮% + Mancozeb ୬୪% @ ୪୦୦ଗ୍ରାମ,୨୦୦-ଲିଟର ପାଣି ରେ  ମିଶାଇ ସିଂଚନ କରନ୍ତୁ । |
| ଲଙ୍କା ଓ ବାଇଗଣ | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଫଳ ପଚା ରୋଗ<br>ବର୍ଷା ପରେ ଲଙ୍କା ଓ ବାଇଗଣରେ ଫଳପଚା ରୋଗ ଲାଗିବାର ସମ୍ଭାବନାଅଛି । ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି carbendazim50% WP@ ୨ ଗ୍ରାମ କିମ୍ବା  Copper oxycloride 50% WP@ ୩ ଗ୍ରାମ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କଖାରୁଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି – ଫୁଲ ଓ ଫଳ ଧରିବା ଅବସ୍ଥା | ❖ ନାଲି କଖାରୁ ପୋକ<br>ନାଲି କଖାରୁ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦୦- ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ(Cyantraniliprole)ନାମକ କୀଟନାଶକ କିମ୍ବା ୬୦-ମିଲି ଇମିଡାକ୍ଲୋପ୍ରିଡ (Imidacloprid)ନାମକ କୀଟନାଶକ କିମ୍ବା ୪୦୦ – ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡି | ଅଙ୍ଗୀୟ ବୃଦ୍ଧି – ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଡାଳ ଓ ଫଳ ବିନ୍ଧା ପୋକ<br>ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Bacillus thuringiensis ଜୈବ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୮୦-ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦-ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୩୦୦-ମି.ଲି Pyridalyl ନାମକକୀଟନାଶକ,୨୦୦-ଲିଟରପାଣିରେ ମିଶାଇସିଞ୍ଚନକରନ୍ତୁ । |

| | | |
|---|---|---|
| ଅମୃତଭଣ୍ଡା | ଅଙ୍ଗୀୟ ବୃଦ୍ଧି – ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଦହିଆ/ ଚୂର୍ଣ୍ଣ ପୃଷ୍ଠ ପୋକ- ପ୍ରାରମ୍ଭିକ ଅବସ୍ଥାରେ ଦହିଆ/ ଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନକରନ୍ତୁ । ଏହା ବ୍ୟତୀତ ଗଛ ରେ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନକରାଯାଇପାରିବ ।ପୋକ ର ଆକ୍ରମଣ ଅଧିକ ହେଲେ ରାସାୟନିକ କୀଟନାଶକ ସିଞ୍ଚନ କରନ୍ତୁ। ବର୍ଷା ଛାଡ଼ିଗଲା ପରେ ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ପ୍ରତି୧୦-ଲିଟର ପାଣିରେ୨୦-ମିଲିପ୍ରୋଫେନୋଫସ(Profenophos)ନାମକ କୀଟନାଶକ କିମ୍ବା୩-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। |
| ନଡିଆ | ଅଙ୍ଗୀୟ ବୃଦ୍ଧି - ଫୁଲଓଫଳଧରିବାଅବସ୍ଥା | ❖ କାଳିମୁଣ୍ଡି ପୋକ ର ପରିଚାଳନା ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାରରୁ ଆଣି ଗଛ ବାହୁଙ୍ଗା ରେ ବାନ୍ଧିଦିଅନ୍ତୁ । ଆକ୍ରାନ୍ତ ବାହୁଙ୍ଗା କୁ କାଟି ପୋଡି ଦିଅନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ପ୍ରତି ୧୦-ଲିଟରପାଣିରେ ୪-ମିଲି କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ କୀଟନାଶକ କିମ୍ବା୪-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) ନାମକ କୀଟନାଶକ ମିଶାଇପତ୍ର ଉପରେ ସିଞ୍ଚନ କରନ୍ତୁ । |
| ପଶୁ ସମ୍ପଦ | ❖ ଗୁହାଳ ଗୁଡ଼ିକୁ ସଫା ଏବଂ ଶୁଷ୍କ ରଖନ୍ତୁ । ପଶୁମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ଜଳ ଯୋଗାନ୍ତୁ । ବାର୍ଷିକ ଟୀକା ସାରଣୀକୁ ଅନୁସରଣ କରି ସେମାନଙ୍କୁ ଉପଯୁକ୍ତ ଟୀକାକରଣ କରାନ୍ତୁ। | |
| କୁକୁଡା | ❖ କୁକୁଡ଼ାଘର ମାନଙ୍କରେ ବର୍ଷା ପାଣି ନପଶିବା ପାଇଁ ମରାମତି କରେଇ ଦିଅନ୍ତୁ । ଚିଆଁ ମାନଙ୍କ ପାଇଁ ବ୍ୟବହୃତ ଚଷୁ ବା ନଡ଼ାକୁ ଓଦା ନକରି ଶୁଖିଲା ରଖନ୍ତୁ ।<br>❖ କୁକୁଡ଼ା ଦାନାରେ ଯେମିତି ବର୍ଷା ପାଣି ନପଡେ ସେଥିପାଇଁ ଧ୍ୟାନ ଦେବା ଉଚିତ, ନଚେତ ତାହା ବିଣ୍ଡା ହୋଇ ସେଥିରେ ଫିମ୍ପି ଲାଗିବାର ସମ୍ଭାବନା ଥାଏ । | |
| ମତ୍ସ୍ୟସମ୍ପଦ: | ❖ ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ। ମାଛ ଯେପରି ବାହାର କୁ ନ ଆସିବେ ତାର ଯତ୍ନ ନିଅନ୍ତୁ । ଶିକାରୀ ଏବଂ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୨.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

**ଭାରତୀୟପାଣିପାଗବିଭାଗରପୂର୍ବନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ** MEGHDOOT **ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)